# India conveys its strong concern to Pakistan on the terror attack planned by JeM in the UT of Jammu and Kashmir

November 21, 2020

---

## ଜମ୍ମୁ କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ JeM ଦ୍ୱାରା ଯୋଜନାବଦ୍ଧ ଆତଙ୍କବାଦୀ ଆକ୍ରମଣ ପାଇଁ ପାକିସ୍ତାନକୁ ଭାରତର ଦୃଢ଼ ବିରୋଧ

21 ନଭେମ୍ବର, 2020

19 ନଭେମ୍ବର 2020ରେ ନାଗ୍ରୋଟା, ଜମ୍ମୁ କଶ୍ମୀରରେ ଭାରତୀୟ ସୁରକ୍ଷା ବାହିନୀ ଦ୍ୱାରା ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣକୁ ବିଫଳ କରାଯାଇଛି। ପ୍ରାରମ୍ଭିକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏହି ଆକ୍ରମଣକାରୀମାନେ ମିଳିତ ଜାତିସଂଘ ଏବଂ ଅନେକ ଦେଶ ଦ୍ୱାରା ନିଷେଧ କରାଯାଇଥିବା ଆତଙ୍କବାଦୀ ସଂଗଠନ ପାକିସ୍ତାନର ଜୈଶ-ଇ-ମହମ୍ମ (JeM) ର ସଦସ୍ୟ ଅଟନ୍ତି। ଭାରତ ବିରୋଧରେ JeM ଦ୍ୱାରା କ୍ରମାଗତ ଆତଙ୍କବାଦୀ ଆକ୍ରମଣରେ ଭାରତ ସରକାର ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି।

ଫେବୃଆରୀ 2019ରେ ପୁଲୱାମା ଆକ୍ରମଣ ସମେତ JeM ଅତୀତରେ ଭାରତରେ ହୋଇଥିବା ଅନେକ ଆକ୍ରମଣର ଅଂଶବିଶେଷ ଅଛି। ବିପୁଳ ସଂଖ୍ୟାରେ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ମିଳିବା,ଜମ୍ମୁ କଶ୍ମୀରର କେନ୍ଦ୍ରଶାସିତ ଅଞ୍ଚଳରେ ଶାନ୍ତି ଏବଂ ନିରାପତ୍ତାରେ ଅସ୍ଥିରତା ସୃଷ୍ଟି କରିବାକୁ ଏକ ବଡ଼ ଧରଣର ଆକ୍ରମଣ ପାଇଁ ବିସ୍ତୃତ ଯୋଜନାକୁ ସୂଚିତ କରୁଛି,ବିଶେଷ ଭାବରେ ସ୍ଥାନୀୟ ଜିଲ୍ଲା ବିକାଶ ପରିଷଦ ନିର୍ବାଚନର ଚାଲିଥିବା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବିଫଳ କରିବା।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପାକିସ୍ତାନର Cd'A'D  କାଯାଇ ଏହି ଆକ୍ରମଣ ଉଦ୍ୟମର ଏକ ଦୃଢ଼ ବିରୋଧ କରି ଏତଲା ଦିଆଯାଇଛି, ଯାହା କେବଳ ଭାରତୀୟ ସୁରକ୍ଷା ବାହିନୀର ସତର୍କତା ଯୋଗୁଁ ପ୍ରତିରୋଧ କରାଯାଇପାରିଛି। ପାକିସ୍ତାନ ଏହାର ଅଞ୍ଚଳରୁ କାର୍ଯ୍ୟ କରୁଥିବା ଆତଙ୍କବାଦୀ ଏବଂ ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ ଦେବାରୁ ବିରତ ରହୁ ଏବଂ ଅନ୍ୟ ଦେଶମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଆତଙ୍କବାଦୀ ସଂଗଠନଙ୍କ ଦ୍ୱାରା ପରିଚାଳିତ ଆତଙ୍କବାଦ ଭିତ୍ତିଭୂମିକୁ ଅକାମୀ କରିବାକୁ ଦାବି କରାଯାଇଛି। ଭାରତ ଏହାର ଦୀର୍ଘ ଦିନର ଦାବିକୁ ଦୋହରାଇଛି ଯେ, ପାକିସ୍ତାନ ଏହାର ଅନ୍ତର୍ଜାତୀୟ କର୍ତ୍ତବ୍ୟ ଏବଂ ଦ୍ୱିପାକ୍ଷିକ ପ୍ରତିଶ୍ରୁତି ଅନୁଯାୟୀ, ଏହାର ନିୟନ୍ତ୍ରଣରେ ଥିବା ଯେକୌଣସି ଅଞ୍ଚଳକୁ କୌଣସି ଉପାୟରେ ଭାରତ ବିରୁଦ୍ଧରେ ଆତଙ୍କବାଦ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଅନୁମତି ନଦେବା ଆବଶ୍ୟକ।

ଭାରତ ସରକାର, ଆତଙ୍କବାଦ ବିରୋଧ ଲଢ଼େଇରେ ତାଙ୍କର ଜାତୀୟ ନିରାପତ୍ତାକୁ ସୁରକ୍ଷିତ ରଖିବାକୁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଦୃଢ଼ ଓ ବଦ୍ଧପରିକର ।

**ନୂଆ ଦିଲ୍ଲୀ**
**21 ନଭେମ୍ବର, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.